# NATIONAL NEWS BULLETIN (ODIA)

**19 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସ୍ୱଚ୍ଛତା ଅଭିଯାନ ଗତ ୧୦ ବର୍ଷରେ ରାଷ୍ଟ୍ରବ୍ୟାପୀ ଅଭିଯାନରେ ପରିଣତ ହୋଇଛି ବୋଲି କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଗୋଟିଏ ରାଷ୍ଟ୍ର-ଗୋଟିଏ ନିର୍ବାଚନ ଭାରତୀୟ ଗଣତନ୍ତ୍ରକୁ ସୁଦୃଢ଼ କରିବ-କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଜାମ୍ମୁ-କାଶ୍ମୀର ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଶେଷ, ୬୧ ପ୍ରତିଶତ ମତଦାନ ସୂଚନା ।
- ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ ବିଶ୍ୱ ଖାଦ୍ୟ ଭାରତ ମହୋତ୍ସବ-୨୦୨୪ ।

ଏବଂ

- ଚେନ୍ନାଇରେ ଆରମ୍ଭ ହୋଇଥିବା ପ୍ରଥମ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ରେ ବାଂଲାଦେଶ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ ।

# ରାଷ୍ଟ୍ରପତି-ସଫେଇ ମିତ୍ର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଗତ ୧୦ବର୍ଷରେ ସ୍ୱଚ୍ଛତା ଅଭିଯାନ ଏକ ରାଷ୍ଟ୍ରବ୍ୟାପୀ ଅଭିଯାନରେ ପରିଣତ ହୋଇଛି । ଏହାଦ୍ୱାରା ଦେଶରେ ଅଭୂତପୂର୍ବ ପରିବର୍ତ୍ତନ ଘଟିଛି। ମଧ୍ୟପ୍ରଦେଶର ଅନେକ ସହର ସଫେଇ ମିତ୍ର ସୁରକ୍ଷିତ ସହର ଘୋଷଣା କରାଯାଇଥିବାରୁ ରାଷ୍ଟ୍ରପତି ସନ୍ତୋଷବ୍ୟକ୍ତ କରିଛନ୍ତି । ଆଜି ମଧ୍ୟପ୍ରଦେଶର ଉଜ୍ଜୟିନୀଠାରେ ସଫେଇ ମିତ୍ର ସମ୍ମିଳନୀକୁ ସମ୍ବୋଧିତ କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ମହାକାଳଙ୍କ ସହର ଉଜ୍ଜୟିନୀରେ କାହିଁ କେଉଁ କାଳରୁ ସଂସ୍କୃତି ଏବଂ ସଭ୍ୟତାର ପରମ୍ପରା ଉଜ୍ଜିବୀତ ରହିଛି । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଉଜ୍ଜୟିନୀ ଏବଂ ଇନ୍ଦୋର ମଧ୍ୟରେ ୬ଲେନ୍ ବିଶିଷ୍ଟ ଜାତୀୟ ରାଜପଥର ଆଭାସୀ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି । ସେ କହିଛନ୍ତି ୨୦୨୫ ମସିହା ପର୍ଯ୍ୟନ୍ତ ଚାଲିବାକୁ ଥିବା ସ୍ୱଚ୍ଛ ଭାରତ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟରେ ସଂପୂର୍ଣ୍ଣ ସ୍ୱଚ୍ଛତା ଲକ୍ଷ୍ୟ ହାସଲ କରିବାର ଆବଶ୍ୟକତା ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ କହିଛନ୍ତି ସ୍ୱଚ୍ଛ ଭାରତ ଅଭିଯାନରେ ମଧ୍ୟପ୍ରଦେଶ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଇନ୍ଦୋର ୭ଥର ଦେଶର ସବୁଠାରୁ ସ୍ୱଚ୍ଛ ସହର ଭାବେ ପରିଗଣିତ ହୋଇଛି । ସେ କହିଛନ୍ତି ସ୍ୱଚ୍ଛ ରାଜଧାନୀ ଭାବରେ ଭୋପାଳ ମଧ୍ୟ ତାଲିକାରେ ସ୍ଥାନ ପାଇଛି ।

ରାଜ୍ୟପାଳ ମଙ୍ଗୁଭାଇ ପଟେଲ କହିଛନ୍ତି ଉଜ୍ଜୟିନୀ-ଇନ୍ଦୋର ଜାତୀୟ ରାଜପଥ ୬ ଲେନ୍ ହେବା ପରେ ଉଜ୍ଜୟିନୀ ଆସୁଥିବା ଭକ୍ତମାନଙ୍କ ପାଇଁ

ସୁବିଧା ହେବ । ଏହାଦ୍ୱାରା ପର୍ଯ୍ୟଟନର ବିକାଶ ସହ ସାମାଜିକ ଓ ଧାର୍ମିକ କ୍ଷେତ୍ରରେ ମଧ୍ୟ ଉନ୍ନତି ହେବ । ଆଜିର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୫ଜଣ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି ।

## ଓ୍ୱାନ୍ ନେସନ-ଓ୍ୱାନ ଇଲେକ୍ସନ

ସାରା ଦେଶରେ ଗୋଟିଏ ଥରରେ ନିର୍ବାଚନ କରିବା ନିମନ୍ତେ ଗଠିତ ଉଚ୍ଚସ୍ତରୀୟ କମିଟିର ସୁପାରିଶକୁ କେନ୍ଦ୍ର ସରକାର ଗ୍ରହଣ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗ୍ରହଣ କରାଯାଇଥିବା କେନ୍ଦ୍ର ମନ୍ତ୍ରିମଣ୍ଡଳର ନିଷ୍ପତ୍ତି ସମ୍ପର୍କରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ବିଭିନ୍ନ ରାଜନୈତିକ ଦଳ ଏବଂ ବିଶେଷଜ୍ଞଙ୍କ ସହ ବିଚାରବିମର୍ଷ ପରେ ଏହି ବ୍ୟବସ୍ଥା ଦୁଇଟି ପର୍ଯ୍ୟାୟରେ ଲାଗୁ କରାଯିବ ।

ଏନ୍‌ଡିଏ ସରକାରର କ୍ୟାବିନେଟ୍ ସର୍ବସମ୍ମତିକ୍ରମେ ଗୋଟିଏ ରାଷ୍ଟ୍ର ଗୋଟିଏ ନିର୍ବାଚନ କମିଟିର ସୁପାରିଶକୁ ଗ୍ରହଣ କରିବା ସହ ପ୍ରଥମ ପର୍ଯ୍ୟାୟରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ଏକସଙ୍ଗେ କରାଇବା ଲାଗି ପ୍ରୟାସ କରାଯିବ ବୋଲି କୁହାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ସାଧାରଣ ନିର୍ବାଚନର ୧୦୦ଦିନ ମଧ୍ୟରେ ଅନ୍ୟ ନିର୍ବାଚନଗୁଡ଼ିକ ଶେଷ କରିବା ଲାଗି ପଦକ୍ଷେପ ନିଆଯିବ । ଯାହାଫଳରେ ୫ବର୍ଷ ପର୍ଯ୍ୟନ୍ତ ସମସ୍ତେ ଦେଶର ବିକାଶ ଦିଗରେ କାର୍ଯ୍ୟ କରିପାରିବେ । କ୍ୟାବିନେଟ୍‌ର ଏହି ନିଷ୍ପତ୍ତିକୁ ବହୁଜନ ସମାଜପାର୍ଟି ସ୍ୱାଗତ କରିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଭାରତୀୟ ଗଣତନ୍ତ୍ରକୁ ସୁଦୃଢ଼ କରିବା ଦିଗରେ ଗୋଟିଏ ଦେଶ ଗୋଟିଏ ନିର୍ବାଚନ ସହାୟକ ହେବ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଏହି ଉଦ୍ୟମ ପାଇଁ ଧନ୍ୟବାଦ ଜଣାଇଛନ୍ତି ।

## ସ୍ୱରାଷ୍ଟ୍ର ମନ୍ତ୍ରୀ-୧୦୦ ଡେଜ୍

ସ୍ୱରାଷ୍ଟ୍ର ଏବଂ ସହକାରିତା ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀରେ ମୋଦୀ ସରକାରଙ୍କ ତୃତୀୟ କାର୍ଯ୍ୟକାଳର ପ୍ରଥମ ୧୦୦ ଦିନ ପୂରଣ ଉପଲକ୍ଷେ ଏକ ରାଷ୍ଟ୍ରୀୟ ସମ୍ମିଳନୀକୁ ସମ୍ବୋଧନ କରିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ୧୦୦ ଦିନ ମଧ୍ୟରେ କେନ୍ଦ୍ର ସରକାର ସହକାରିତା କ୍ଷେତ୍ରରେ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ଆଜିର ରାଷ୍ଟ୍ରୀୟ ସମ୍ମିଳନୀରେ ସହକାରିତା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା ହେବ ବୋଲି ଶ୍ରୀ ଶାହା କହିଛନ୍ତି ।

## ଜେକେ ଇଲେକ୍ସନ-ଇସିଆଇ

ଜାମ୍ମୁ-କାଶ୍ମୀରରେ ଗତକାଲି ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ଗତ ୩୫ ବର୍ଷ ମଧ୍ୟରେ ସବୁଠାରୁ ଅଧିକ ୬୧ ପ୍ରତିଶତ ମତଦାନ ହୋଇଛି । କିସ୍ତିୱାଡ ଜିଲ୍ଲାରେ ସବୁଠାରୁ ଅଧିକ ୮୦ ଦଶମିକ

୧/୪ ପ୍ରତିଶତ ମତଦାନ ହୋଇଥିବାବେଳେ ଡୋଡା ଜିଲ୍ଲାରେ ୭୧ ଦଶମିକ ୩/୪, ରାମବନରେ ୭୦ ଦଶମିକ ୫/୫, କୁଲଗାମରେ ୬୨ ଦଶମିକ ୪/୬, ଅନନ୍ତନାଗରେ ୫୭ ଦଶମିକ ୮/୪, ସୋପିଆନରେ ୫୫ ଦଶମିକ ୯/୬ ଏବଂ ପୁଲୁଓ୍ୱାମା ଜିଲ୍ଲାରେ ୪୬ ଦଶମିକ ୬/୫ ପ୍ରତିଶତ ମତଦାନ ହୋଇଛି । ୭ଟି ଜିଲ୍ଲାରେ ୨୪ଟି ବିଧାନସଭାରେ ହୋଇଥିବା ମତଦାନ ଶାନ୍ତିପୂର୍ଣ୍ଣ ହୋଇଥିବା ନିର୍ବାଚନ ଆୟୋଗ କହିଛନ୍ତି ।

ଆୟୋଗଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମତଦାନ କେନ୍ଦ୍ର ଗୁଡ଼ିକରେ ଯୁବ ଓ ମହିଳା ଭୋଟରମାନେ ବହୁ ସଂଖ୍ୟାରେ ମତଦାନରେ ଅଂଶଗ୍ରହଣ କରିଥିଲେ । କାଶ୍ମୀରର ପ୍ରବାସୀ ମତଦାତାମାନେ ଜାମ୍ମୁ, ଉଧମପୁର ଏବଂ ଦିଲ୍ଲୀରେ ୨୪ଟି ସ୍ୱତନ୍ତ୍ର ମତଦାନ କେନ୍ଦ୍ରରେ ମତାଧିକାର ସାବ୍ୟସ୍ତ କରିଥିଲେ । ଚଳିତଥର ପ୍ରଥମଥର ଲାଗି ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନରେ ଘରେ ରହି ମତଦାନ କରିବାର ସୁବିଧା କରାଯାଇଛି ।

## ଜେକେ ଉପରାଜ୍ୟପାଳ

ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ରେକର୍ଡ ସଂଖ୍ୟକ ମତଦାନ ପାଇଁ ଉପରାଜ୍ୟପାଳ ମନୋଜ ସିହ୍ନା ଭୋଟରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଜ୍ୟପାଳ କହିଛନ୍ତି ଭୋଟରମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ

ଭାରତୀୟ ଗଣତନ୍ତ୍ରର ଶକ୍ତି ଓ ମୂଲ୍ୟବୋଧ ପ୍ରତି ବିଶ୍ୱାସକୁ ଦର୍ଶାଉଛି । ଶ୍ରୀ ସିହ୍ନା କହିଛନ୍ତି ଶାନ୍ତିପୂର୍ଣ୍ଣ, ସ୍ୱତନ୍ତ୍ର ଏବଂ ନିରପେକ୍ଷ ନିର୍ବାଚନରେ ରେକର୍ଡ ସଂଖ୍ୟକ ମତଦାନ ଭାରତୀୟ ଗଣତନ୍ତ୍ରର ଶକ୍ତିକୁ ପ୍ରମାଣିତ କରୁଛି ।

ଶ୍ରୀ ସିହ୍ନା କହିଛନ୍ତି ଗତକାଲି ନିର୍ବାଚନରେ ୬୧ ପ୍ରତିଶତରୁ ଅଧିକ ମତଦାନ ହୋଇଛି । ସେ କହିଛନ୍ତି ଡୋଡା, କିସ୍ତିୱାଡ, ରାମବନ, ପୁଲୁୱାମା, ସୋପିଆନ, କୁଲଗ୍ରାମ ଏବଂ ଅନନ୍ତନାଗ ଜିଲ୍ଲାରେ ମତଦାତାମାନଙ୍କ ଲମ୍ବା ଧାଡି ଗଣତନ୍ତ୍ର ବିରୋଧୀ ଶକ୍ତିଗୁଡ଼ିକୁ କଡା ଜବାବ ଦେଇଛି ।

## ଜେ.କେ. ଆସେମ୍ଲି ପୋଲ୍ସ

ଜମ୍ମୁ-କାଶ୍ମୀର ବିଧାନସଭା ଲାଗି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଗତକାଲି ଶାନ୍ତିପୂର୍ଣ୍ଣ ସହ ସମ୍ପନ୍ନ ହୋଇଛି । ଆସନ୍ତା ୨୫ ତାରିଖରେ ଦ୍ୱିତୀୟ ପର୍ଯ୍ରାୟ ନିର୍ବାଚନ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟରେ ୬ଟି ଜିଲ୍ଲାର ୨୬ଟି ବିଧାନସଭା ଆସନଲାଗି ଭୋଟ୍‌ଗ୍ରହଣ କରାଯିବ । ଏହି ଆସନଗୁଡ଼ିକ ମଧ୍ୟରୁ ଗନ୍ଦରବାଲ୍ ଜିଲ୍ଲାର ଗନ୍ଦରବାଲ୍ ବିଧାନସଭା ଆସନ ଅନେକ ଗୁରୁତ୍ୱ ବହନ କରେ । ଏ ସମ୍ପର୍କରେ ଆମ ଶ୍ରୀନଗର ସମ୍ବାଦଦାତା ଜଣାଇଛନ୍ତି, ଗନ୍ଦରବାଲ୍ ଆସନ ଲାଗି ବିଭିନ୍ନ ରାଜନୈତିକ ଦଳର ୧୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେମାନଙ୍କ ମଧ୍ୟରେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାସନାଲ୍ କନ୍‌ଫରେନ୍ସର ଉପସଭାପତି ଉମର ଅବଦୁଲ୍ଲା, ପି.ଡି.ପି.ର ବସିର ଅହମ୍ମଦ ମିର, ଆୱାନି ଇତେହାଦ ପାର୍ଟିର ମହମ୍ମଦ ଆସାକ୍ ମିର୍, ପୂର୍ବତନ ବିଧାୟକ ଇଶ୍‌ଫାକ୍ ଜବର ଅନ୍ୟତମ ।

ଏହି ନିର୍ବାଚନ ଲାଗି ସେଠାରେ ୧୫୭ଟି ମତଦାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ୧ ଲକ୍ଷ ୨୯ ହଜାର ୧୧୪ ଜଣ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିବେ । ଇତିମଧ୍ୟରେ ବିଭିନ୍ନ ଦଳର ଷ୍ଟାର୍ ପ୍ରଚାରକମାନେ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ର୍‌ୟାଲି ଓ ରୋଡ୍‌ଶୋ' କରିବା ସହିତ ଘରକୁ ଘର ବୁଲି ଲୋକଙ୍କୁ ଭେଟି ନିଜ ନିଜ ସପକ୍ଷରେ ପ୍ରଚାର ଚଳାଇଛନ୍ତି । ଏହି ପର୍ଯ୍ୟାୟ ନିର୍ବାଚନକୁ ମୁକ୍ତ, ଅବାଧ ତଥା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ୱାର୍ଲଡ୍ ଫୁଡ୍ ଇଣ୍ଡିଆ

ବିଶ୍ୱ ଖାଦ୍ୟ ଭାରତ ମହୋତ୍ସବ-୨୦୨୪ ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ । ଏହି ଚାରିଦିନିଆ ମହୋତ୍ସବ ସମ୍ପର୍କରେ ସୂଚନା ଦେଇ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଅଭିନବ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ କରିବା ସହ ନିରନ୍ତର ଯୋଗାଣ ଉପରେ ପ୍ରାଥମିକତା ଦେଇ ଏଥିରେ ଆଲୋଚନା କରାଯିବ । ଏହି କ୍ଷେତ୍ରରେ ଭାରତ ବିଶ୍ୱର ଏକ ଶକ୍ତିକ୍ଷେତ୍ର ଭାବେ ନେଉଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଏହି ମହୋତ୍ସବରେ ଆଲୋକପାତ କରାଯିବ । ୨୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସମେତ

୯୦ରୁ ଅଧିକ ରାଷ୍ଟ୍ର ଏବଂ ୧୮ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ ଏଥିରେ ଅଂଶଗ୍ରହଣ କରିବେ । ଜାପାନ ଏହି ମହୋତ୍ସବର ଭାଗିଦାରୀ ରାଷ୍ଟ୍ରଭାବେ ଯୋଗଦେବ । ସେହିଭଳି ଭିଏତ୍‌ନାମ୍ ଓ ଇରାନ୍ ଫୋକସ୍ ଦେଶଭାବେ ଏଥିରେ ଅଂଶଗ୍ରହଣ କରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ପି.ଏମ୍. - ଓ୍ୱାର୍ଦ୍ଧା

ପି.ଏମ୍. ବିଶ୍ୱକର୍ମା ଯୋଜନାର ଏକ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତାକାଲି ମହାରାଷ୍ଟ୍ରର ଓ୍ୱାର୍ଦ୍ଧାଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ । ଏହି ଅବସରରେ ଶ୍ରୀ ମୋଦି ଏହି ଯୋଜନାର ହିତାଧିକାରୀଙ୍କୁ ଋଣ ଓ ମାନପତ୍ର ପ୍ରଦାନ କରିବେ । ୧୮ଟି ବିଭିନ୍ନ ବର୍ଗର ୧୮ ଜଣ ହିତାଧିକାରୀଙ୍କୁ ସେମାନଙ୍କର ଉତ୍କର୍ଷ ପ୍ରଦର୍ଶନ ଲାଗି ପ୍ରଧାନମନ୍ତ୍ରୀ ସମ୍ବର୍ଦ୍ଧିତ କରିବେ । ଏହାଛଡ଼ା ଶ୍ରୀ ମୋଦି ଏହି ଅବସରରେ ଏକ ସ୍ମାରକୀ ଡାକଟର ମଧ୍ୟ ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି ।

ମହାରାଷ୍ଟ୍ର ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଅମରାବତୀଠାରେ ପି.ଏମ୍. ମିତ୍ର ପାର୍କ ପ୍ରତିଷ୍ଠା ଲାଗି ଶିଳାନ୍ୟାସ କରିବେ । ପ୍ରାୟ ୧ ହଜାର ଏକର ପରିମିତ ଅଞ୍ଚଳରେ ବିକଶିତ ହେବାକୁ ଥିବା ଏହି ପାର୍କ ବୟନଶିଳ୍ପ କ୍ଷେତ୍ରରେ ଭାରତକୁ ବିଶ୍ୱ ହବ୍ ଭାବେ ପ୍ରତିଷ୍ଠା କରିବା ଦିଗରେ ଅନ୍ୟ ଏକ ପଦକ୍ଷେପ ବୋଲି ସରକାରୀ ଭାବେ କୁହାଯାଇଛି ।

ପରେ ପ୍ରଧାନମନ୍ତ୍ରୀ ମହାରାଷ୍ଟ୍ର ସରକାରଙ୍କର ଆଚାର୍ଯ୍ୟ ଚାଣକ୍ୟ ଦକ୍ଷତା ବିକାଶ କେନ୍ଦ୍ରର ଉଦ୍‌ଘାଟନ କରିବେ । ରାଜ୍ୟର ୧୫ରୁ ୪୫

ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ଆତ୍ମନିର୍ଭର କରାଇବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଭିନ୍ନ ମହାବିଦ୍ୟାଳୟରେ ଦକ୍ଷତା ବିକାଶ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଛି ।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ପୁଣ୍ୟଶ୍ଳୋକ ଆହିଲାଦେବୀ ହୋଲ୍‌କର ମହିଳା ଷ୍ଟାର୍ଟଅପ୍ ଯୋଜନାର ଶୁଭାରମ୍ଭ କରିବେ । ଏହି ଯୋଜନା ଅଧୀନରେ ମହାରାଷ୍ଟ୍ରର ମହିଳା ନେତୃତ୍ୱାଧୀନ ଷ୍ଟାର୍ଟଅପ୍‌ଗୁଡ଼ିକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ସମାଜର ସମସ୍ତ ବର୍ଗର ମହିଳାଙ୍କୁ ଆତ୍ମନିର୍ଭର କରିବା ଦିଗରେ ଏହି ଯୋଜନା ସହାୟକ ହେବ ।

## ଚାଇନା ଓପନ

ଚାଇନା ଓପନ ବ୍ୟାଡମିଣ୍ଟନ ପ୍ରତିଯୋଗିତା ୨୦୨୪ରେ ଭାରତର ମାଳବିକା ବନ୍‌ସୋଦ ମହିଳା ଏକକ ପର୍ଯ୍ୟାୟରେ ବିଶ୍ୱର ୨୫ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ସ୍କଟଲ୍ୟାଣ୍ଡର କ୍ରିଷ୍ଟି ଗିଲମରଙ୍କୁ ପରାସ୍ତ କରିଛନ୍ତି । ମାଳବିକା ଗିଲମରଙ୍କୁ ୨୧-୧୭, ୧୯-୨୧ ଏବଂ ୨୧-୧୬ ସେଟ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି । ଆଗାମୀ ମ୍ୟାଚ୍‌ରେ ମାଳବିକା ଆସନ୍ତାକାଲି ଜାପାନର ଅକାନେ ୟାମାଗୁଚିଙ୍କ ସହ ମୁକାବିଲା କରିବେ ।

# ଇଣ୍ଡିଆ-ବାଂଲାଦେଶ କ୍ରିକେଟ୍ ଟେଷ୍ଟ

ଭାରତ-ବାଂଲାଦେଶ ମଧ୍ୟରେ ଆଜି ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଥିବା ଦୁଇ ମ୍ୟାଚ୍ ବିଶିଷ୍ଟ କ୍ରିକେଟ୍ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ  ୪୪ ଓଭର ସୁଦ୍ଧା ୬ ୱିକେଟ୍ ହରାଇ ୧୬୩ ରନ୍ ସ୍କୋର କରିଛି । ଟସ୍ ଜିତି ବାଂଲାଦେଶ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ୪୪ ଓଭର ସୁଦ୍ଧା ରବୀନ୍ଦ୍ର ଜାଡେଜା ୪ ରନ୍ ଓ ରବିଚନ୍ଦ୍ରନ ଅଶ୍ୱିନୀ ୧୧ ରନ୍ କରି ଅପରାଜିତ ଅଛନ୍ତି ।    ଗୌତମ ଗାମ୍ଭୀର ଭାରତର କୋଚ୍ ଭାବେ ଦାୟିତ୍ୱ ନେବା ପରେ ଏହା ହେଉଛି ଦଳ ଲାଗି ପ୍ରଥମ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ।